# ଓପିଜିସି ପକ୍ଷରୁ ସରକାରଙ୍କୁ ୪୨.୫୦ କୋଟି ଲାଭାଂଶ ପ୍ରଦାନ

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)- ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି) ପକ୍ଷରୁ ଶନିବାର ରାଜ୍ୟ ସରକାରଙ୍କୁ ନିଗମର ମଧ୍ୟବର୍ତ୍ତୀକାଳୀନ ଲାଭାଂଶ ବାବଦରେ ୪୨ କୋଟି ୫୦ ଲକ୍ଷ ୧୮ ହଜାର ୫୩୦ଟଙ୍କା ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସଚିବାଳୟଠାରେ ସାକ୍ଷାତକରି ଶକ୍ତି,ପୂର୍ତ୍ତ ଓ ଲୋକସମ୍ପର୍କ ମନ୍ତ୍ରୀ ଅରୁଣ କୁମାର ସାହୁ, ଶକ୍ତି ସଚିବ ପ୍ରଦୀପ କୁମାର ଜେନା ଏବଂ ନିଗମର ନିର୍ଦ୍ଦେଶକ କେ. ଭେଙ୍କଟରମଣ ପ୍ରମୁଖ ୪୨ କୋଟି ୫୦ ଲକ୍ଷ ୧୮ ହଜାର ୫୩୦ ଟଙ୍କାର ଚେକ୍ ପ୍ରଦାନ କରିଥିଲେ । ୨୦୧୨-୧୩ ଆର୍ଥିକବର୍ଷ ପାଇଁ ଓପିଜିସିର ଅନ୍ତରୀଣ ଲାଭାଂଶ ୧୭ ପ୍ରତିଶତ ହୋଇଛି । ତଦନୁସାରୀ ମୋଟ ଲାଭାଂଶରେ ୮୩.୩୩ କୋଟି ଟଙ୍କା ମଧ୍ୟରୁ ରାଜ୍ୟ ସରକାରଙ୍କୁ ୪୨ କୋଟି ୫୦ ଲକ୍ଷ ୧୮ ହଜାର ୫୩୦ ଟଙ୍କା ପ୍ରଦାନ କରାଯାଇଛି ।